# JDP
# JANATA DARBAR PARTY
*(Of the People, For the People & By the People)*
Regd. No. 56/232/2022/PPS-IV


ତା ୦୯/୧୧/୨୦୨୩

## ପ୍ରେସ୍ ଇସ୍ତାହାର୍

ଆଜି **ତା ୦୯/୧୧/୨୦୨୩ ରିଖ ଦିନ ୪ ଘଟିକା** ସମୟରେ **ଭୁବନେଶ୍ବରସ୍ଥିତ ରାଜ୍ୟପାଳ ଭବନ**ଠାରେ **ଜନତା ଦରବାର ପାର୍ଟି ତରଫରୁ** ସଦସ୍ୟମାନଙ୍କ ଗହଣରେ ଓ ପ୍ରେସ୍ ସଦସ୍ୟଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିବା ନିମନ୍ତେ ଏକ ସାକ୍ଷାତକାର କରିଥିଲେ । ଉକ୍ତ ସାକ୍ଷାତକାରରେ ପାର୍ଟିର ସଭାପତି ଶ୍ରୀଯୁକ୍ତ ପର୍ଶୁରାମ ବିଶ୍ୱାଳ, ଉପସଭପତି ଶ୍ରୀଯୁକ୍ତ ତପନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ମହମଦ ସନୁଓର୍, ସମ୍ପାଦକ ଶ୍ରୀଯୁକ୍ତ ବିଜୁ ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ଉମା ଚରଣ ମିଶ୍ର ଏବଂ ପାର୍ଟିର ଅନ୍ୟ ସବୁ ସଦସ୍ୟଗଣ ଉପସ୍ଥିତ ଥିଲେ । ନିଶା ନିବାରଣର ବିଭିନ୍ନ ନିରାକରଣ ଓ ତା ଉପରେ କିପରି ପଦକ୍ଷେପଗୁଡିକ ନିଆଯାଇପାରିବ ତାହା ଆଲୋଚନା କରାଯାଇଥିଲା ।

ଯେଉଁଠି ଆଜି ଜଣେ ନାରୀ ଘର ଭିତରେ ସୁରକ୍ଷିତ ନୁହେଁ ସେ ରାସ୍ତାରେ ମୁଣ୍ଡ ଟେକି ଚାଲିବ କେମିତି ? ନାରୀ ଜାତିର ସମ୍ମାନ ବଢିବ କେମିତି ? ଯୁବକ ମାନଙ୍କୁ ସଠିକ୍ ରାସ୍ତାରେ ଅଣାଯିବ କେମିତି ? ମଦ ବିକିବା ମାନେ ଏହା ସରକାରଙ୍କ ଏକ ଷଡ଼ଯନ୍ତ୍ର କାରଣ ଏହାଦ୍ଵାରା ଗରିବ ଆହୁରି ଗରିବ ହେବେ ଓ ଧନୀ ଆହୁରି ଧନୀ ହେବେ । କେମିତି ସୁଖ ସଂସାରକୁ ନଷ୍ଟ କରିହେବ ଓ କେମିତି ଶାନ୍ତ ପରିବେଶକୁ ଅଶାନ୍ତ କରିବା ଏକ ସହଜ ଉପାୟ ସରକାରଙ୍କର ।

ନିଶା ଏକ ଅସାମାଜିକ ବସ୍ତୁ ହୋଇଥିବା ସତ୍ତ୍ୱେ ସରକାର ତାଙ୍କର ମନଇଛା ମୁଖ୍ୟ ରାସ୍ତା କଡରେ ବିକ୍ରୟ କରୁଛନ୍ତି । ତେଣୁ ଏଥିପାଇଁ ମୁଖ୍ୟତଃ ଗରିବ ଲୋକ ଓ ଯୁବକମାନଙ୍କୁ ସହଜ ହେଉଛି ମଦ ପିଇବା ପାଇଁ । ମଦ ସେବନ ଦ୍ବାରା ଦିନକୁ ଦିନ ସମାଜରେ ଘରୋଇ ହିଂସା, ନାରୀ ନିର୍ଯ୍ୟତନା, ଦୁର୍ଘଟଣା, ବଳାତକାର୍ ଓ ବିଭିନ୍ନ ପ୍ରକାରର ଗଣ୍ଡଗୋଳ ଆଦି ଉଗ୍ରରୁପ ନେଇ ଚାଲିଛି । ଏହାର ନିରାକରଣ ନିହାତି ଜରୁରୀ । ଉପଯୁକ୍ତ ପଦକ୍ଷେପ କଡାକଡି ଭାବେ ଯଦି ନିଆଯାଏ ତେବେ ନିଶ୍ଚିତ ରୁପେ ଏହା ଉପରେ ନିଷେଧାଦେଶ ଜାରି ହୋଇପାରିବ ।

ତେଣୁ ଏ ମଦ ରୂପକ ବିଷ ଗଛକୁ ଖାଲି ଓଡିଶାରୁ ନୁହେଁ ପୁରା ଭାରତରୁ ଉପାଡ଼ି ଫୋପାଡିବାକୁ ପଡ଼ିବ । ତେବେ ଯାଇ ଅସାମାଜିକ କାର୍ଯ୍ୟ ବନ୍ଦ ହେବ, ବହୁ ଗରିବ ପରିବାରର ଆର୍ଥିକ ସ୍ଥିତି ସୁଧୁରିବ ଏବଂ ନାରୀ ଜାତିର ସମ୍ମାନ ବଢ଼ିବ, ଜଣେ ନାରୀ ନିରାପଦରେ ରାସ୍ତାରେ ଯିବା ଆସିବା କରିପାରିବ । ଯୁବକମାନଙ୍କୁ ସଠିକ୍ ରାସ୍ତାରେ ଅଣାଯାଇ ପାରିବ । **|ଜୟ ଜଗନ୍ନାଥ|**

ଧନ୍ୟବାଦ ସହ

P. Biswal

**ପର୍ଶୁରାମ ବିଶ୍ବାଳ**
**ଆବାହକ ତଥା ଜାତୀୟ ସଭାପତି**
**ଜନତା ଦରବାର ପାର୍ଟି**


Regd. Off : MIG-II-70/1, HOUSING BOARD COLONY, CHANDRASEKHARPUR, BHUBANESWAR-751016(ODISHA)
Mob : 7608932393, 9090451048, 9438387468 Email : jdpodisha22@gmail.com